# NATIONAL NEWS BULLETIN (ODIA)
## 26 February - 2026
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଭାରତ–ଇସ୍ରାଏଲ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ

– ଦୁଇ ଦେଶ ମଧ୍ୟରେ ସମ୍ପର୍କ' ଦୃଢ଼ ବିଶ୍ୱାସ, ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ; କହିଲେ ପ୍ରଧାନମନ୍ତ୍ରୀ

- ଦେଶରୁ ବେଆଇନ୍ ଅନୁପ୍ରବେଶକାରୀଙ୍କୁ ବାହାର କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ରାହାତ ଯୋଜନା ଅଧୀନରେ  ଦୁର୍ଘଟଣାଗ୍ରସ୍ତଙ୍କୁ ମିଳୁଛି ୧ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା
- ଇରାନ୍ ଓ ଆମେରିକା ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମ ନେଇ ଜେନେଭାଠାରେ ଚାଲିଛି ତୃତୀୟ ପର୍ଯ୍ୟାୟ ଆଲୋଚନା

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଆଜିର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ଜିମ୍ବାୱ୍ୱେ ମଧ୍ୟରେ ଜାରି

# ଇଣ୍ଡିଆ-ଇସ୍ରାଏଲ ଏମ୍‌ଓୟୁ

ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଆଜି ବିଭିନ୍ନ କ୍ଷେତ୍ରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କୃତ୍ରିମ ବୁଦ୍ଧିମତା, ମତ୍ସ୍ୟପାଳନ, କୃଷି, ୟୁପିଆଇ ଏବଂ ଭୂ-କ୍ଷେତ୍ର ତଥା ସାଂସ୍କୃତିକ ଆଦାନ ପ୍ରଦାନ ଆଦି ଏଥିରେ ଅନ୍ତର୍ଭୁକ୍ତ।  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି। ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ–ଇସ୍ରାଏଲ ସମ୍ପର୍କ ଦୃଢ଼ ବିଶ୍ୱାସ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମାନବୀୟ ସମ୍ବେଦନଶୀଳତାର ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ। ବିଭିନ୍ନ ଆହ୍ୱାନରେ ଏହି ବନ୍ଧୁତ୍ୱ ସମୟର କସୋଟି ପଥରରେ ପ୍ରମାଣିତ ହୋଇଛି।

**V/O-MODI-SPECIAL-STRATEGIC-PARTNERSHIP**

ଶ୍ରୀ ମୋଦୀ କହିଛନ୍ତି, ୯ ବର୍ଷ ପୂର୍ବେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଇସ୍ରାଏଲ ଗସ୍ତ କରିବାର ତାଙ୍କୁ ସୌଭାଗ୍ୟ ମିଳିଥିଲା। ଆଜି ଉଭୟ ପକ୍ଷ ଗୁରୁତ୍ୱପୂର୍ଣ୍ଣ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହଭାଗିତା ସ୍ଥାପନ ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ ଏବଂ ଗୁରୁତ୍ୱପୂର୍ଣ୍ଣ

ଖଣିଜ ପଦାର୍ଥ ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ନୂତନ ଗତି ପ୍ରଦାନ କରିବ। ଇସ୍ରାଏଲରେ ୟୁ.ପି.ଆଇ. ବ୍ୟବହାର ନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ଉଭୟ ଦେଶ ନବସୃଜନ ଉପରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

## ଏଫଏସ୍ ବ୍ରିଫିଂ ଇସ୍ରାଏଲ

ଇସ୍ରାଏଲ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃତ୍ରିମ ବୁଦ୍ଧିମତା, ସୁରକ୍ଷା, ନବସୃଜନ, ଗବେଷଣା ଏବଂ ଷ୍ଟାର୍ଟ-ଅପ୍ ଭଳି କ୍ଷେତ୍ରଗୁଡ଼ିକ ଉପରେ ପ୍ରାଥମିକତା ପ୍ରଦାନ କରିଥିଲେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ପ୍ରଧାନମନ୍ତ୍ରୀଙ୍କ ଇସ୍ରାଏଲ ଗସ୍ତ ଶେଷ ହେବା ପରିପ୍ରେକ୍ଷୀରେ ଜେରୁଜେଲମ୍‌ଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟରତ ଯୁଗ୍ମ କମିଶନକୁ ମନ୍ତ୍ରିସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀ ମିଶ୍ରି କହିଛନ୍ତି। ଶ୍ରୀ ମୋଦୀଙ୍କ ଇସ୍ରାଏଲ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ। ତେଲଆଭିଭ୍‌ଠାରେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଜଳ ପରିଚାଳନା, କୃଷି ତଥା ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗ ଉପରେ ସହଯୋଗକୁ ଅଧିକ ବ୍ୟାପକ କରିବା ନେଇ ମତବିନିମୟ ହୋଇଛି। ଶ୍ରୀ ମିଶ୍ରି କହିଛନ୍ତି,

ଜେରୁଜେଲମର ୟାଦ୍‌ଭାସେମ୍‌କୁ ଶ୍ରୀ ମୋଦୀ ଗସ୍ତ କରିବା ସହିତ ହୋଲକାଷ୍ଟର ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ୍ ହରଜୋକ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଶ୍ରୀ ମୋଦୀ ମତବିନିମୟ କରିଥିବା ଶ୍ରୀ ମିଶ୍ରି କହିଛନ୍ତି।

## ଗଡ଼କରୀ- ରୋଡ୍ ସେଫ୍ଟି

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ସଡ଼କ ସୁରକ୍ଷା ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଭାରତରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ଉପରେ ଶ୍ରୀ ଗଡ଼କରୀ ଚିନ୍ତାପ୍ରକଟ କରିଛନ୍ତି। ନୂଆଦିଲ୍ଲୀରେ ଆଜି ସଡ଼କ ସୁରକ୍ଷା ଉପରେ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ କହିଛନ୍ତି, ଭାରତରେ ପ୍ରତି ବର୍ଷ ପ୍ରାୟ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଛି। ଏହାଫଳରେ ୧ ଲକ୍ଷ ୮୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି। ସଡ଼କ ନିର୍ମାଣ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, ସରକାର ବର୍ତ୍ତମାନ ଏକ କାର୍ଯ୍ୟଦକ୍ଷତା ଭିତ୍ତିକ ନୀତିକୁ ଆପଣାଇବା ସହିତ ଉତ୍ତରଦାୟିତ୍ୱ ଏବଂ ରାସ୍ତାର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଆର୍ଥିକ ଅଡିଟ୍ ଅପେକ୍ଷା କାର୍ଯ୍ୟଦକ୍ଷତା ଅଡିଟ୍‌କୁ ପ୍ରାଥମିକତା ଦେଉଛନ୍ତି। ଶ୍ରୀ ଗଡ଼କରୀ କହିଛନ୍ତି, ଦେଶର ଅଟୋମୋବାଇଲ ଶିଳ୍ପର ନିୟମ ଏବଂ ମାନକ ସମ୍ପ୍ରତି ବିଶ୍ୱସ୍ତରୀୟ ସଡ଼କ ସୁରକ୍ଷା ମାନକ ସହିତ ସମନ୍ୱୟ ରକ୍ଷା କରୁଛି। ଏହି ଅବସରରେ ଶ୍ରୀ ଗଡ଼କରୀ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା

ରାହାତ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏହି ଯୋଜନା ଅନୁଯାୟୀ ଯେ କୌଣସି ବର୍ଗର ସଡ଼କ ଦୁର୍ଘଟଣାର କ୍ଷତିଗ୍ରସ୍ତଙ୍କୁ ଦୁର୍ଘଟଣା ତାରିଖରୁ ୭ ଦିନ ମଧ୍ୟରେ ୧ ଲକ୍ଷ ୫୦ ହଜାର ଟଙ୍କାର ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

## ଇରାନ୍-ୟୁଏସ୍ ନ୍ୟୁକ୍ଲିୟର ଟକ୍କସ

ପରମାଣୁ କାର୍ଯ୍ୟକ୍ରମ ସଂକ୍ରାନ୍ତ ଇରାନ୍ ଓ ଆମେରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଜେନେଭାଠାରେ ଆଜି ଜାରି ରହିଛି। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଦୁଇଟି ଆଲୋଚନା ଭଳି ଏହି ପର୍ଯ୍ୟାୟରେ ମଧ୍ୟ ଇରାନ୍ ପ୍ରତିନିଧି ମଣ୍ଡଳର ନେତୃତ୍ୱ ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚି ଏବଂ ଆମେରିକା ପକ୍ଷରୁ ଷ୍ଟିଭ୍ ୱିଟ୍‌କଫ୍ ଓ ଜାରେଡ୍ କୁସନର୍ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଛନ୍ତି। ଓମାନର ବୈଦେଶିକ ମନ୍ତ୍ରୀ ବଦର ଆଲ୍‌ବୁସାଇଦିଙ୍କ ମଧ୍ୟସ୍ଥତାରେ ଏହି ଆଲୋଚନା ଚାଲିଛି। ନୂତନ ତଥା ସୃଜନଶୀଳ ଚିନ୍ତାଧାରା ଏବଂ ପରିସ୍ଥିତିର ସମାଧାନ ନେଇ ଉଭୟ ପକ୍ଷ ଖୋଲା ମନୋଭାବ ପୋଷଣ କରୁଥିବା ଓମାନ ବୈଦେଶିକ ମନ୍ତ୍ରୀ କହିଛନ୍ତି। ପଶ୍ଚିମ ଏସିଆରେ ଆମେରିକାର ସମାରିକଘାଟି ସମ୍ପର୍କରେ ମଧ୍ୟ ଆଲୋଚନାରେ ମତବିନିମୟ ହେଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ଆକ୍ରମଣ ଆଶଙ୍କା ଦୃଷ୍ଟିରୁ ବହୁ ଦେଶ ସେମାନଙ୍କର ନାଗରିକମାନଙ୍କୁ ଇରାନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, କୂଟନୀତି ମାଧ୍ୟମରେ ଆହ୍ୱାନର

ସମାଧାନକୁ ସେ ପ୍ରାଥମିକତା ପ୍ରଦାନ କରନ୍ତି। ତେବେ ଇରାନ କେବଳ ପରମାଣୁ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ଚାହୁଁଛି ବୋଲି ସୂଚନା ଦେଇଛି।

## ୟୁ.ଆଇ.ଡି.ଏ.ଆଇ- ଗୁଗୁଲ

ଗୁଗୁଲ ମ୍ୟାପ୍‌ରେ ପ୍ରାଧିକୃତ ଆଧାର କେନ୍ଦ୍ରଗୁଡ଼ିକୁ ପ୍ରଦର୍ଶନ କରିବା ଲକ୍ଷ୍ୟ ନେଇ ଭାରତୀୟ ଏକକ ପରିଚୟପତ୍ର ପ୍ରାଧିକରଣ ୟୁ.ଆଇ.ଡି.ଏ.ଆଇ. ଏବଂ ଗୁଗୁଲ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ପଦକ୍ଷେପ ଦ୍ୱାରା ନାଗରିକ ଆଧାର କେନ୍ଦ୍ର ସମ୍ପର୍କିତ ସୂଚନା ସହଜରେ ପାଇପାରିବେ। ମନ୍ତ୍ରଣାଳୟ କହିଛି, ଖୁବ୍‌ଶୀଘ୍ର ଏହି ସୁବିଧାକୁ କାର୍ଯ୍ୟକରୀ କରାଯିବ। ଦେଶବ୍ୟାପୀ ୬୦ ହଜାରରୁ ଅଧିକ ଆଧାର କେନ୍ଦ୍ର ଏବଂ ଆଧାର ସେବା କେନ୍ଦ୍ର ଏହାଦ୍ୱାରା ସମନ୍ୱିତ ହୋଇପାରିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଏଫ୍‌ଏମ୍ ରିଲେ ସେଣ୍ଟର

ପ୍ରସାରଣ ଭିତ୍ତିଭୂମି ଏବଂ ନେଟଓ୍ୱର୍କ ବିକାଶ ଯୋଜନା ଅଧୀନରେ ଅଢ଼େଇ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ କହିଛନ୍ତି। କର୍ଣ୍ଣାଟକର ଶିବମୋଗାରେ ଆକାଶବାଣୀର ଏକ ୧୦ କିଲୋୱାଟ୍ ଏଫ୍.ଏମ୍. ରିଲେ

ଟ୍ରାନ୍ସମିଟରକୁ ଉଦ୍‌ଘାଟନ କରି ସେ କହିଛନ୍ତି, ବିକାଶର ଧାରା ତୃଣମୂଳସ୍ତରରେ ପହଁଞ୍ଚାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ଏହା ପ୍ରତିଫଳିତ କରୁଛି। ଏହି ଟ୍ରାନ୍ସମିଟର ମାଧ୍ୟମରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୂଚନା, ଶିକ୍ଷାଗତ ପ୍ରସଙ୍ଗ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର ଏବଂ ପ୍ରସାର ଅଧିକ ବ୍ୟାପକ ହୋଇପାରିବ ବୋଲି ସେ କହିଛନ୍ତି।

## ଏ.ଆଇ ସମିଟ୍ ରିଆକସନ୍– ଏଗ୍ରିକଲଚର

କୃଷି କ୍ଷେତ୍ରକୁ ଅଧିକ ସଶକ୍ତ କରିବାରେ କୃତ୍ରିମ ବୁଦ୍ଧିମତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ନୂଆଦିଲ୍ଲୀରେ ସମ୍ପ୍ରତି ଅନୁଷ୍ଠିତ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ଶିଖର ସମ୍ମିଳନୀ ପରିପ୍ରେକ୍ଷୀରେ ଆକାଶବାଣୀ ସମ୍ବାଦ ସହ ସ୍ୱତନ୍ତ୍ର ଆଲୋଚନାକାଳରେ 'କ୍ଲାଇମ୍-ଆଗ୍ରୋ' ବିଶ୍ଳେଷଣ ସଂସ୍ଥାନର ପ୍ରତିଷ୍ଠାତା ଡକ୍ଟର ହର୍ଷିତ ମିଶ୍ର ଏହା କହିଛନ୍ତି। ସେ କହିଛନ୍ତି, କୃଷି ପାଇଁ ଜଳବାୟୁ ଆହ୍ୱାନ ମୁକାବିଲା ଦିଗରେ ଏହା ବିଶେଷ ଉପଯୋଗୀ ସାବ୍ୟସ୍ତ ହେଉଛି। କୃତ୍ରିମ ବୁଦ୍ଧିମତା ବ୍ୟବହାର ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା, ଅମଳ ଡାଞ୍ଚା, କୀଟପତଙ୍ଗର ପ୍ରାଦୁର୍ଭାବ ତଥା ପାଣିପାଗ ତଥ୍ୟ ବିଶ୍ଳେଷଣ ଆଦି ପୂର୍ବାନୁମାନ କରାଯାଇପାରୁଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ସିବିଆଇ– ଅମ୍ବାନୀ

ଆର୍ଥିକ ଠକେଇ ମାମଲାରେ ଶିଳ୍ପପତି ଅନୀଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେସନ ବିରୁଦ୍ଧରେ ସି.ବି.ଆଇ. ଏକ ନୂତନ ମାମଲା ପଞ୍ଜୀକରଣ କରିଛି। ବ୍ୟାଙ୍କ ଅଫ୍ ବରୋଦାକୁ ଠକିବା ଏବଂ ୨ ହଜାର ୨୨୦ କୋଟି ଟଙ୍କାରୁ ଅଧିକ କ୍ଷତି ପହଁଞ୍ଚାଇବା ଅଭିଯୋଗ ନେଇ ଏହି ମାମଲା ପଞ୍ଜୀକୃତ ହୋଇଥିବା ସି.ବି.ଆଇ. କହିଛି। ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ସିବିଆଇ ପକ୍ଷରୁ ଏହି ଦ୍ୱିତୀୟ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ନୂତନ ମାମଲାଟି ପଞ୍ଜୀକରଣ ପରେ ଅନୀଲ ଅମ୍ବାନୀଙ୍କ ବାସଭବନ ଏବଂ କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟରେ ତଲାସୀ କରାଯାଇଥିବା ସି.ବି.ଆଇ କହିଛି, ଏସ.ବି.ଆଇ. ପକ୍ଷରୁ ପ୍ରଦତ୍ତ ଅଭିଯୋଗ ଆଧାରରେ ରିଲାଏନ୍ସ କମ୍ୟୁନିକେସନ ବିରୁଦ୍ଧରେ ସି.ବି.ଆଇ. ଆଉ ଏକ ମାମଲା ରୁଜୁ କରିଥିଲା।

## ଟି-ଟ୍ୱେଣ୍ଟି କ୍ରିକେଟ ଓ୍ୱାର୍ଲଡ କପ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ଗ୍ରୁପ୍'ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଏବେ ଭାରତ ଓ ଜିମ୍ବାୱେ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି। ଚେନ୍ନାଇର ଏମ୍.ଏ.ଚିଦାମ୍ବରମ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଜିମ୍ବାୱେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧ ଓଭରରେ ୧୩ ସଂଗ୍ରହ କରିଥିଲା।

ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ୍‌କୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୱେଷ୍ଟଇଣ୍ଡିଜ୍ ୮ ୱିକେଟ୍ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା। ଦକ୍ଷିଣ ଆଫ୍ରିକା ୧୬ ଓଭର ଏବଂ ଗୋଟିଏ ବଲ୍‌ରେ ମାତ୍ର ୧ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା।